

▲ ସିନିୟର ବର୍ଗ ଫାଇନାଲ ପ୍ରତିଯୋଗିତାର ଦୃଶ୍ୟ।


କୁଇଜ୍ ମାଷ୍ଟର ଅଜୟ ପୁନିଆ

# ଦ୍ୱିତୀୟଥର ବାଜିମାରିନେଲା ମଦର୍ସ

ଭୁବନେଶ୍ୱର,୪।୮ (ବ୍ୟୁରୋ)

'ଇନ୍‌ଫିନାଇଟ୍ ବାଉନ୍ସ', 'ଟିକ୍ ଟାକ୍ ଟୋ', 'କ୍ଲୁଟୋପିଆ', 'ଟେକ୍ ୟୋର୍ ପେନ୍', 'ଡବଲ୍ ଟ୍ରବଲ୍', 'ହୁ ଡେୟାର୍ସ ୱିନ୍‌ସ'। ଏଭଳି କିଛି ଦମ୍‌ଦାର ରାଉଣ୍ଡକୁ ନେଇ 'ମେଟଲ୍ ମିଟ୍' ଚଳିତବର୍ଷ ଅଧିକ ଆକର୍ଷଣୀୟ ଓ ଚ୍ୟାଲେଞ୍ଜିଂ ହୋଇଥିଲା। ଏଥର ପ୍ରଥମଥର ପାଇଁ କୁଇଜ୍ ମାଷ୍ଟର ଅଜୟ ପୁନିଆ ମେଟଲ୍ ମିଟ୍ ହୋଷ୍ଟ କରିଥିବା ବେଳେ ପ୍ରତିଯୋଗୀଙ୍କ ପାଇଁ ଏହା ଏକ ଭିନ୍ନ ଓ ନୂଆ ଅନୁଭୂତି ଆଣି ଦେଇଥିଲା। ଜୁନିୟର ବର୍ଗରେ ଫାଇନାଲ୍‌କୁ ଯାଇଥିବା ଟିମ୍ ମଧ୍ୟରେ ଭୁବନେଶ୍ୱରର ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍, ବକ୍ସିଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ୍, ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଡିଏଭି ପୋଖରୀପୁଟ, ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍, ମଦର୍ସ ପବ୍ଲିକ୍ ସ୍କୁଲ ସହ ରାଉରକେଲାର ସେଣ୍ଟ ପଲ୍‌ସ ଓ କଟକର ସିଡିଏସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ୍ ରହିଥିଲା। ତେବେ ୨୦୧୮ରେ ମେଟଲ୍ ମିଟ୍ ଚାମ୍ପିୟନ୍ ହୋଇଥିବା ମଦର୍ସ ପବ୍ଲିକ୍ ସ୍କୁଲ୍ ଏଥର ମଧ୍ୟ ଚତୁରତାର ସହ ଖେଳି ଚାମ୍ପିୟାନ୍ ଟାଇଟଲ୍ ହାସଲ କରିଥିଲା। ପ୍ରିଲିମ୍ସରେ ଭଲ ଖେଳି ଆଗରେ ରହିଥିବା ମଦର୍ସ ଫିନାଲେର ପ୍ରତ୍ୟେକ ରାଉଣ୍ଡରେ ଲିଡ୍ କରିଥିଲା। ତେବେ ପ୍ରଥମ 'ଇନ୍‌ଫିନାଇଟ୍ ବାଉନ୍ସ' ରାଉଣ୍ଡରେ ଟିମ୍ ସର୍ବାଧିକ ୭୦ ସ୍କୋର୍ କରିଥିବା ବେଳେ ଏହା ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ପ୍ରତ୍ୟେକ ପ୍ରଶ୍ନର ଉତ୍ତରକୁ ଭାବିଚିନ୍ତି ଦେବା ସହ ଦ୍ୱନ୍ଦ୍ୱରେ ଥିବା ପ୍ରଶ୍ନକୁ ଛାଡ଼ିଦେଇ ମଦର୍ସ ଚତୁରତାର ପରିଚୟ ଦେଇଥିଲା। ଟିମ୍‌ର ନେଗଟିଭ୍ ମାର୍କିଂ ଅନ୍ୟ ଟିମ୍ ଅପେକ୍ଷା କମ୍ ଥିବାରୁ ଏହାହିଁ ସେମାନଙ୍କୁ ସର୍ବାଧିକ ୧୨୦ ସ୍କୋର୍ କରିବାରେ ସହାୟକ ହୋଇଥିଲା। ସେହିଭଳି ଚଳିତବର୍ଷ ପ୍ରଥମ ରନର୍ସ ଅପ୍ ହୋଇଥିବା ଭୁବନେଶ୍ୱରର ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍ ଏଥର ପ୍ରଥମଥର ପାଇଁ ମେଟଲ୍ ମିଟ୍‌ରେ ଅଂଶଗ୍ରହଣ କରିଥଲା। ପ୍ରଥମ ରାଉଣ୍ଡରେ ୫୩, ଦ୍ୱିତୀୟ ରାଉଣ୍ଡ ସୁଦ୍ଧା ୭୩ ଓ ଶେଷ ରାଉଣ୍ଡରେ ସିଧା ୯୩କୁ ଡିଆଁମାରି ଗ୍ରୁପ୍ ଦ୍ୱିତୀୟ ସ୍ଥାନରେ ନିଜ ସ୍ଥାନ ସୁରକ୍ଷିତ କରିଥିଲା। 'ଟିକ୍ ଟାକ୍ ଟୋ' ରାଉଣ୍ଡରେ ଅନ୍ୟମାନେ ପଛରେ ପଡ଼ିଥିବା ବେଳେ ୟୁନିଟ-୮ ଡିଏଭି କିନ୍ତୁ ଏଥିରେ ବାଜି ମାରିନେଇଥିଲା। ତେବେ ଗତବର୍ଷ ଆରମ୍ଭରୁ ଶେଷଯାଏଁ କଡ଼ା ଟକ୍କର ଦେଇ ଦ୍ୱିତୀୟ ସ୍ଥାନରେ ଥିବା କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲ୍‌କୁ ଏଥର ୩ୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଆରମ୍ଭରୁ କମ୍ ସ୍କୋର୍ କରିଥିଲେ ମଧ୍ୟ ଟିମ୍‌ର ନେଗ୍‌ଟିଭ୍ ମାର୍କିଂ କମ୍ ଥିବାରୁ ଶେଷ ରାଉଣ୍ଡରେ ଏହା ବାଜି ମାରି ନେଇଥିଲା। ରାଉରକେଲା ସେଣ୍ଟ ପଲ୍‌ସ ଏବଂ ଡିଏଭି ପୋଖରୀପୁଟଠାରୁ ମାତ୍ର ଗୋଟିଏ ମାର୍କରେ ଆଗରେ ରହି ଏହା ୩ୟ ସ୍ଥାନ ଅଧିକାର କରିଥିଲା।

> ସ୍କୁଲ ଓ କଲେଜରେ କୁଇଜିଂ ହେଉଛି ଏକ ଅଂଶ। ଓଡ଼ିଶାରେ କୁଇଜିଂ କଲ୍‌ଚରକୁ ବ୍ୟାପକ କରିବା ପାଇଁ ଓଡ଼ିଶା ପୋଷ୍ଟ ଯେଉଁ ଉଦ୍ୟମ କରିଛି ତାହା ସ୍ୱାଗତଯୋଗ୍ୟ। ବହୁତ ଇଣ୍ଟରେଷ୍ଟିଂ ପ୍ରଶ୍ନ ଥିଲା। ବେଳେ ବେଳେ ମୁଁ ବି କିଛି ପ୍ରଶ୍ନର ଉତ୍ତର ଦେବା ପାଇଁ ଚେଷ୍ଟା କରୁଥିଲି। କିନ୍ତୁ କିଛି ବି ଉତ୍ତର ଜାଣିପାରୁ ନ ଥିଲି। ବହୁତ କଷ୍ଟ ପ୍ରଶ୍ନ ଥିଲା।
>
> **- ଆର୍. ଭିନିଲ କ୍ରିଷ୍ଣା, ପରିଚାଳନା ନିର୍ଦ୍ଦେଶକ, ଓଏମ୍‌ସି**



> ମେଟଲ୍ ମିଟ୍ ଏକ ବହୁତ ବଡ଼ ପ୍ଲାଟ୍‌ଫର୍ମ। କମ୍ପିଟିଶନ ବହୁତ ଟଫ୍ ଥିଲା। ପ୍ରଶ୍ନ ବହୁତ ଭଲ ଥିଲା ଓ ପିଲାମାନେ ଭଲ ଉତ୍ତର ମଧ୍ୟ ଦେଇଥିଲେ। ଆଶା କରୁଛି ଆଗକୁ ଏହି ପ୍ରତିଯୋଗିତା ଚାଲୁ ରହିବ। କୁଇଜିଂ ପାଇଁ ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ଏକ ଭଲ ପ୍ଲାଟ୍‌ଫର୍ମ ଯୋଗାଇଦେବ।
>
> **- ଆର୍. ପି. ଶର୍ମା, ପୋଲିସ ମହାନିର୍ଦ୍ଦେଶକ**



> ଓଡ଼ିଶା ପୋଷ୍ଟର ଏହି ଉଦ୍ୟମ ପ୍ରଶଂସନୀୟ। ଓଡ଼ିଶାରେ ଏଭଳି ଏକ କୁଇଜିଂର ଆବଶ୍ୟକ ରହିଛି। ଏଠାରେ ପଚରାଯାଉଥିବା ପ୍ରଶ୍ନଗୁଡ଼ିକ ଉଚ୍ଚମାନର ଥିଲା। ପିଲାମାନେ ମଧ୍ୟ ଭଲ ପ୍ରସ୍ତୁତ ହୋଇ ଆସିଥିଲେ। ଆଶା କରୁଛି ଆଗାମୀ ବର୍ଷ ମେଟଲ ମିଟ୍ ଆହୁରି ଅଧିକ ପିଲାଙ୍କୁ ସୁଯୋଗ ଦେବ।
>
> **- ମଧୁସୁଦନ ପାଢ଼ୀ, ରାଜ୍ୟପାଳଙ୍କ ପ୍ରମୁଖ ସଚିବ**



# ସମସ୍ତଙ୍କୁ ଚମକାଇଦେଲା ଆଇଜିଆଇଟି

ସିନିୟର ବର୍ଗ ପ୍ରତିଯୋଗିତା ମଧ୍ୟ ଏଥର ବେଶ୍ ଉତ୍ସାହଜନକ ରହିଥିଲା। ଫାଇନାଲରେ ପ୍ରବେଶ କରିଥିବା ୮ଟି ଟିମ୍ ମଧ୍ୟରେ ଏନ୍‌ଆଇଟି ରାଉରକେଲା, ଆଇଆଇଟି ଭୁବନେଶ୍ୱର, ଏମ୍‌ସ ଭୁବନେଶ୍ୱର, କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି (ସିଇଟି), ଏକ୍ସଆଇଏମ୍‌ବି, ଏସ୍‌ସିବି ମେଡିକାଲ କଲେଜ, ନାଇଜର୍ ଏବଂ ଆଇଜିଆଇଟି ସରାଙ୍ଗ ରହିଥିଲେ। ଚଳିତବର୍ଷ ୩ଟି ନୂଆ ଟିମ୍ ଏକ୍ସଆଇଏମ୍‌ବି, ନାଇଜର୍ ଏବଂ ଆଇଜିଆଇଟିକୁ ପ୍ରଥମଥର ପାଇଁ 'ମେଟଲ୍ ମିଟ୍' ଫିନାଲେ ଟିକେଟ୍ ମିଳିଥିବା ବେଳେ ଆଇଜିଆଇଟି ସମସ୍ତଙ୍କୁ ଚମକାଇ ଚାମ୍ପିୟନ୍ସ ଟାଇଟଲ୍ ହାତେଇଛି। ଆରମ୍ଭରୁ ବେଶ୍ ଆରାମରେ ପ୍ରଦର୍ଶନ କରି ଏହି ଟିମ୍ ଶେଷରେ ନିଜର କରିସ୍ମା ଦେଖାଇଥିଲା। ଏନ୍‌ଆଇଟି, ଆଇଆଇଟି, ଏମ୍‌ସ, ନାଇଜର୍ ଭଳି ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନକୁ ପଛରେ ପକାଇ ଆଇଜିଆଇଟି ବାଜି ମାରିନେଇଥିଲା। ଶେଷ ରାଉଣ୍ଡରେ ୩ଟି ପ୍ରଶ୍ନ ପୂର୍ବରୁ ଏନ୍‌ଆଇଟି ସର୍ବାଧିକ ୭୯ ସ୍କୋର୍‌ରେ ଥିବାବେଳେ ଏମ୍‌ସ ୬୯ ଓ ଆଇଜିଆଟି ୬୬ ସ୍କୋର୍ କରିଥିଲା। ହେଲେ ନେଗ୍‌ଟିଭ୍ ମାର୍କିଂ ଯୋଗୁ ଏମ୍‌ସ ଶେଷକୁ ୫୯କୁ ଖସି ଆସିଥିବା ବେଳେ ଏନ୍‌ଆଇଟି ରାଉରକେଲା ୭୪କୁ ଖସିଯାଇଥିଲା। ଆଇଜିଆଇଟି ଏକ ପ୍ରଶ୍ନର ଠିକ୍ ଉତ୍ତର ଦେଇ ୮୧ ସ୍କୋର୍ ସହ ଉପରେ ରହିଥିଲା। ତେବେ ଦୁଇଥର ଚାମ୍ପିୟନ୍ ଟାଇଟଲ୍ ପାଇଥିବା ସିଇଟି ଭଲ ଖେଳିବା ସତ୍ତ୍ୱେ ଏଥର ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

## କୁଇଜ୍ ଦେଖିଲେ... ମଜାନେଲେ

ଉପସ୍ଥିତ ଅତିଥିମାନେ ମେଟଲ୍ ମିଟ୍ ଗ୍ରାଣ୍ଡ ଫିନାଲେକୁ ବେଶ୍ କିଛି ସମୟ ଧରି ଉପଭୋଗ କରିଥିଲେ। ଏମାନଙ୍କ ମଧ୍ୟରେ ଥିଲେ ଉନ୍ନୟନ କମିଶନର ଅସିତ ତ୍ରିପାଠୀ, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ, ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ପ୍ରଦୀପ ଜେନା, ପୋଲିସ୍ ମହାନିର୍ଦ୍ଦେଶକ ଆର୍.ପି. ଶର୍ମା, ନାଲ୍‌କୋ ଡିଜିଏମ୍ (ନିଗମ ସଂଚାର) ଆଶୁତୋଷ ରଥ, ହୋମ୍‌ଗାର୍ଡ ଓ ଫାୟାର ଡିଜି ବିଜୟ ଶର୍ମା, ଷ୍ଟେଟ୍ କ୍ରାଇମ୍ ରେକର୍ଡ଼ସ ବ୍ୟୁରୋର ନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଏବଂ ଓପେପା ନିର୍ଦ୍ଦେଶକ ଭୁପିନ୍ଦର ସିଂ ପୁନିଆ। ଏହାସହ 'ଟିମ୍'ର ମୁଖ୍ୟ ନିଶିକାନ୍ତ ମିଶ୍ର, ଏକ୍ସପୋଜ୍‌ର ମୁଖ୍ୟ ସଞ୍ଜୀବ ମହାନ୍ତି ଏବଂ ଓଡ଼ିଶା ଲାଇଭ୍‌ର ମୁଖ୍ୟ ନୀଳାମ୍ବର ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ମଜାନେଇଥିଲେ।










ମେଟଲ୍ ମିଟ୍ ଗ୍ରାଣ୍ଡ ଫିନାଲେରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।



କାର୍ଯ୍ୟକ୍ରମ ଅବସରରେ ସେଲ୍ଫି


କୁଇଜ୍ ପରିଚାଳନା କରୁଥିବା ବ୍ୟାକ୍ ଷ୍ଟେଜ୍ କ୍ରୁ।










ପୁରସ୍କୃତ ହୋଇଥିବା ଡେଲି ୱିନର୍ ଓ କାର୍ଯ୍ୟକ୍ରମରେ ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନର ଉତ୍ତରଦାତା।




ପିତା ପରମ ଆରାଧ୍ୟ, ପିତାଙ୍କୁ ସନ୍ତୁଷ୍ଟ କରିପାରିଲେ ସବୁ ଦେବତାମାନେ ମଧ୍ୟ ସନ୍ତୋଷ ଲାଭ କରନ୍ତି।
- କଠୋପନିଷଦ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ସମ୍ମିଳନୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ପିଏମ୍‌ଜି ଛକ ସ୍ଥିତ ପ୍ରତିମୂର୍ତ୍ତି, ସକାଳ ୯ଟା।
- ୟୁନିସେଫ ଏବଂ ଆଇନା ଅନୁଷ୍ଠାନ ପକ୍ଷରୁ ଶର୍ଟ ଫିଲ୍ମ 'କାଲଲୋଲା' ଉନ୍ମୋଚନ, ହୋଟେଲ ନ୍ୟୁ ମାରିଅନ, ଅପରାହ୍ନ ୨ଟା ୩୦ରୁ ଅପରାହ୍ନ ୪ଟା।
- ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ ଫାଉଣ୍ଡେଶନର ମିଳିତ ସହଯୋଗରେ ଲୁପ୍ତପ୍ରାୟ ଲୋକକଳା, ମୁନ୍‌ସିହଲ, ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬ଟା ୩୦।
- ଆଇସିସିଆର ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ କଳା ବିଭାଗର ମିଳିତ ଆନୁକୂଲ୍ୟରେ ନାଟ ମଣ୍ଡପ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।
- ସେବା ପ୍ରତିନିଧି ତରଫରୁ ଦୁଇ ପ୍ରହରି ସେବା, ଲିଙ୍ଗରାଜ ମନ୍ଦିର, ସକାଳ ଓ ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ବାଣପୁର ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

**ପୁରୀ**
- ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।

## ଶ୍ରୀଲିଙ୍ଗରାଜଙ୍କ ୧ଘଣ୍ଟା ନୀତି ବିଳମ୍ବ

**ପୁରୁଣା ଭୁବନେଶ୍ୱର, ୪।୮ (ଡି.ଏନ୍.ଏ.):** ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ରବିବାର ୧ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଏ ନେଇ ସାହାଣ ମେଲା ଦର୍ଶନ ଅପେକ୍ଷାରେ ଥିବା ଶ୍ରଦ୍ଧାଳୁମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୂଚନା ଅନୁଯାୟୀ ଭୋର ୬ଟାରେ ଆଳତି ଓ ଅବକାଶ ନୀତି ହେବାର ଥିଲା। ଏହି ନୀତି ପାଇଁ ମାଟିର ହାଣ୍ଡି ଓ କୁଡୁଆ ଆବଶ୍ୟକତା ଥିବାବେଳେ ତାହା ନ ମିଳିବାରୁ ପାଳିଆ ସେବାୟତ କାର୍ଯ୍ୟ ସମ୍ପାଦନରେ ବିଳମ୍ବ କରିଥିଲେ। ପରେ ସକାଳ ପ୍ରାୟ ୭ଟାରେ ଅର୍ଥାତ୍ ୧ ଘଣ୍ଟା ବିଳମ୍ବରେ ନୀତି ଆରମ୍ଭ ହୋଇଥିଲା। ସୂଚନାଥାଉ କି, କିଛି ବର୍ଷ ପୂର୍ବରୁ ମନ୍ଦିରରେ ମାଟି ସରଞ୍ଜାମ ଏକ ପ୍ରକାର ଠପ୍ ହୋଇଯାଇଛି। ଏ ନେଇ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ କୁହନ୍ତି, ଠାକୁରଙ୍କ ୫ଏକର ଜମି ଖାଉଥିବା କୁମ୍ଭକାର ସେବାୟତ ମାଟିହାଣ୍ଡି ଯୋଗାଉ ନାହାନ୍ତି। ସେମାନଙ୍କୁ ନୋଟିସ୍ କରାଯାଇଛି। ଖୁବ୍‌ଶୀଘ୍ର ମାଟି ହାଣ୍ଡିର ଅଭାବ ଦୂର ହେବ। ରବିବାର ନୀତି ବନ୍ଦ ପରେ ସନ୍ଧ୍ୟାରେ ମନ୍ଦିର ସୁପରଭାଇଜର ଅଭିଯୋଗ ଆଣିଛନ୍ତି। ବୈଠକ ଡକାଯାଇ ଏହାର ସମାଧାନ କରାଯିବ ବୋଲି ସେ କହିଥିଲେ।



ଓଡ଼ିଶାର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ରବିବାର ରାଜଭବନ ନିକଟ ଏଲ୍‌ଆଇସି ଛକସ୍ଥିତ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସମୟରେ ଉପସ୍ଥିତ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା।

## ବିନ୍ଦୁସାଗର ଘାଟରେ ନନ୍ଦିନୀଙ୍କ ଶ୍ରାଦ୍ଧବାର୍ଷିକୀ

**ପୁରୁଣା ଭୁବନେଶ୍ୱର, ୪।୮ (ଡି.ଏନ୍.ଏ.)**

ବିଶିଷ୍ଟ ସାହିତ୍ୟ ସାଧିକା ତଥା ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କର ତ୍ରୟୋଦଶତମ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ ବିନ୍ଦୁସାଗର ଉତ୍ତରେଶ୍ୱର ଘାଟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନନ୍ଦିନୀ ଦେବୀ ଥିଲେ ଲୌହମାନବୀ। ମୁଖ୍ୟମନ୍ତ୍ରୀ ଦାୟିତ୍ୱ ସେ ଠିକ୍ ଭାବେ ତୁଲାଇ ଥିଲେ। ତାଙ୍କ ସମୟରେ ଭୂଦାନ ସଂସ୍କାର କାର୍ଯ୍ୟକାରୀ ହୋଇଥିଲା। ରେଭେନ୍‌ଶା କଲେଜରେ ଛାତ୍ର ଆନ୍ଦୋଳନରେ ମଧ୍ୟ ସଫଳତା ଆଣିଥିଲେ ବୋଲି ଆୟୋଜିତ ସଭାରେ ସାମାଜିକ କର୍ମୀ ନୀଳମଣି ମିଶ୍ର କହିଛନ୍ତି। ଏହି ଅବସରରେ ତାଙ୍କ ସ୍ମୃତିରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜୁଲି ବେହେରା, ବାବାଜି ନାୟକ, ଶୈଳ ବେହେରା, ବୈକୁଣ୍ଠ ଭୋଇ, ଖୁଲଣା ବେହେରା, ଯୋଗେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ।

■ ଶ୍ରାଦ୍ଧ ଦିବସରେ ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି

## ବିଶିଷ୍ଟ ସାହିତ୍ୟିକା, ସାମ୍ବାଦିକା, ରାଜନୀତିଜ୍ଞ ଥିଲେ ନନ୍ଦିନୀ

**ଭୁବନେଶ୍ୱର, ୪।୮ (ବ୍ୟୁରୋ)**

ଓଡ଼ିଶାର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ ରବିବାର ରାଜଭବନ ନିକଟ ଏଲ୍‌ଆଇସି ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଏହି ବରପୁତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉପସ୍ଥିତ ବକ୍ତାମାନେ ନନ୍ଦିନୀଙ୍କୁ ଓଡିଶାର ଲକ୍ଷ୍ମୀବାଈ ଓ ଲୌହମାନବୀ ବୋଲି ସମ୍ବୋଧିତ କରିବା ସହିତ ସେ ଜଣେ ବିଶିଷ୍ଟ ଲେଖିକା, ସାମ୍ବାଦିକା, ସାହିତ୍ୟିକା ଓ ରାଜନୀତିଜ୍ଞ ଥିଲେ ବୋଲି କହିଥିଲେ। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ ସମ୍ପାଦକ ଅଶୋକ କୁମାର ପାଲଟାସିଂ, ସମାଚାର ପତ୍ରିକାର ସମ୍ପାଦକ ଇଂ. ଶିବ ପ୍ରସାଦ ମିଶ୍ର, ମହେଶ୍ୱର ବିଶ୍ୱାଳ, ଇଂ. ନଳିନୀ ମହାନ୍ତି, କ୍ଷେତ୍ର ମୋହନ ନାୟକ, ଅକ୍ଷୟ ଜେଠୀ, ଅଜୟ କାନୁନ୍‌ଗୋ, ନିରଞ୍ଜନ ପାତ୍ର, ବାସନ୍ତୀ ତ୍ରିପାଠୀ ଓ ପ୍ରକାଶ କୁମାର ସାମଲଙ୍କ ସମେତ ବହୁ ସଦସ୍ୟାସଦସ୍ୟଙ୍କ ସମେତ ଖବରଦାତା ନିମାଇଁ ଚରଣ ଦାସ ବରପୁତ୍ରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ।

## ଜନ୍ମ ସ୍ଥାନରେ ନନ୍ଦିନୀଙ୍କ ନାମରେ ସଂଗ୍ରହାଳୟ ହେଉ

**ଭୁବନେଶ୍ୱର, ୪।୮ (ବ୍ୟୁରୋ)**

ଏକ ବଳିଷ୍ଠ ନାରୀ ନେତୃତ୍ୱ ଓ ନାରୀ ଜାଗରଣର ମହାନାୟିକା ତଥା ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୧୩ତମ ଶ୍ରାଦ୍ଧ ବାର୍ଷିକୀ ରବିବାର ନୀଳାଦ୍ରିବିହାରରେ ପାଳିତ ହୋଇଯାଇଛି। ଏହି ଅବସରରେ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘ ତରଫରୁ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ସହ ଜନ୍ମ ସ୍ଥାନରେ ନନ୍ଦିନୀଙ୍କ ନାମରେ ସଂଗ୍ରହାଳୟ ସ୍ଥାପନ କରାଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା।

ସଂଘ ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନନ୍ଦିନୀଙ୍କ ଜୀବନୀ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ ତଥା ସଂଘର ସାଧାରଣ ସମ୍ପାଦକ ବିଶ୍ୱଜିତ୍ ପଟ୍ଟନାୟକ କହିଲେ, ନାରୀ ସଶକ୍ତୀକରଣ ଲକ୍ଷ୍ୟ ପୂରଣ ପାଇଁ ତାଙ୍କ ଆତ୍ମଜୀବନୀକୁ ବିଦ୍ୟାଳୟ, ମହାବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରିବା ସହ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି କରିବା ଲାଗି ମତ ପ୍ରକାଶ କରିଥିଲେ। ଏଥିସହ ସମାଜସେବା କିମ୍ବା ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିବର୍ଷ ରାଜ୍ୟ ସରକାର ଜଣେ ନାରୀ ପ୍ରତିଭା ଓ ଶିଶୁ ପ୍ରତିଭାଙ୍କୁ ତାଙ୍କ ନାମରେ ସମ୍ମାନ ପ୍ରଦାନ କରାଯାଉ। ସେହିଭଳି ତାଙ୍କ ନାମରେ ଏକ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଧ୍ୟ ଦାବି କରାଯିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ସଭ୍ୟ ତଥା କୋଷାଧ୍ୟକ୍ଷ ପ୍ରକାଶଚନ୍ଦ୍ର ସାହୁ, କୁମର ବାରିକ, ଜୀବନ ପଟ୍ଟନାୟକ, ଗଦାଧର ପ୍ରସାଦ ରଥ, ଜ୍ଞାନେନ୍ଦ୍ର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର, କୈଳାସ ସାହୁ, ଶିଶିର ମହାରଣା, ଅର୍ଜୁନ ଦେହୁରୀ, ବାଳକୃଷ୍ଣ ମଣ୍ଡଳ, ନିରଞ୍ଜନ ସାହୁ ଓ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।



ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘ ସଦସ୍ୟ ଓ ଅନ୍ୟମାନେ।

## ଅଭିରାମ ଅଭିନୟ ଅନୁଷ୍ଠାନର ପ୍ରଥମ ମେଗା ଶୋ'

**ଭୁବନେଶ୍ୱର, ୪।୮ (ବ୍ୟୁରୋ)**

ବାରିପଦାସ୍ଥିତ ଶହୀଦ ଭବନଠାରେ ଅଭିରାମ ଅଭିନୟ ଅନୁଷ୍ଠାନର ପ୍ରଥମ ମେଗା ଶୋ' ରବିବାର ସନ୍ଧ୍ୟାରେ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଓଡ଼ିଆ ଚଳଚ୍ଚିତ୍ର ଓ ଟେଲିଭିଜନର ଲେଖକ ଚିନ୍ମୟ ଦାସ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର କଳାକାରମାନେ ସୁନ୍ଦର କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ। ଯାହାକି ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଉତ୍ସବର ସମ୍ମାନପର୍ବରେ ଓଡ଼ିଶାର ଲେଖକ, ନିର୍ଦ୍ଦେଶକ ଓ କଳାମାନେ ସମ୍ମାନିତ ହୋଇଥିଲେ। ଜାତୀୟସ୍ତରରେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପ୍ରଣବ ଦାସ, ସଙ୍କଳ୍ପ ଚ୍ୟାନେଲର ମୁଖ୍ୟ ଅଶୋକ ଦାସ, କଲର୍ସ ଓଡ଼ିଆ ଚ୍ୟାନେଲର ମୁଖ୍ୟ ପ୍ରିୟବ୍ରତ ପଣ୍ଡା, ବରିଷ୍ଠ ଚଳଚ୍ଚିତ୍ର ଅଭିନେତା ତଥା ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସାନ୍ତନୁ ଶତପଥୀ, ବିଶିଷ୍ଟ ଚିତ୍ରଶିଳ୍ପୀ ନିଜାମ, ଚଳଚ୍ଚିତ୍ର ଟିଭିର ଜଣାଶୁଣା କଳାକାର ସୁଶୀଲ ମିଶ୍ର, ଅମିତ ରଞ୍ଜନ ରଣା, ଆଶୁତୋଷ ରଣା, ପ୍ରଖ୍ୟାତ ଏଡିଟର ଚିତ୍ତରଞ୍ଜନ ସାମଲଙ୍କ ସମେତ ଅନ୍ତର୍ଜାତୀୟ ସ୍ତରରେ ସୁନାମ କରିଥିବା ଯଶସ୍ୱୀ ଇଂ ଅଶୋକ ବସା, ଆର୍କିଟେକ ଦିଲୀପ ସାହା ଏବଂ ପ୍ରବିଣା ନୃତ୍ୟାଙ୍ଗନା ଭାଗ୍ୟଶ୍ରୀ ସୁମନା ଓତା ସମ୍ମାନିତ ହେବା ସହ ଅନୁଷ୍ଠାନର କୃତି କଳାକାରମାନଙ୍କୁ ପୁରସ୍କାର ଦିଆଯାଇଥିଲା। ସିନିୟରଙ୍କ ମଧ୍ୟରେ ସାହିଲ ମିଶ୍ର ଏବଂ ଜୁନିୟରଙ୍କ ମଧ୍ୟରେ ଲତାଶା ଖୁରାନା ଚାମ୍ପିୟନ ହୋଇଥିଲେ। ଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ଦାସ ପଟ୍ଟନାୟକ ଘୋଷଣା କରିଥିଲେ ଯେ, ପରବର୍ତ୍ତୀ ସମୟରେ ଏହି କଳାକାରମାନଙ୍କୁ ନେଇ ଟିଭି ଓ ଫିଲ୍ମରେ ଅଭିନୟ କରିବା ଲାଗି ସୁଯୋଗ ଦିଆଯିବ। ଏହି ଉତ୍ସବକୁ ବିକାଶ ବେହେରା, ସୁଧୀର ମହାନ୍ତି, ସୁଧୀର ନାୟକ, ସଂଗ୍ରାମ ଭଞ୍ଜ ଦେଓ, ସମାଜ ପତି, ପ୍ରମୋଦ ବେହେରା ଓ ଗୋପାଳକୃଷ୍ଣ ମହାନ୍ତି ପରିଚାଳନା କରିଥିଲେ।



ବାରିପଦା ଶହୀଦ ଭବନରେ ଅଭିରାମ ଅଭିନୟ ଅନୁଷ୍ଠାନର ମେଗା ଶୋ'ରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

## 'ଶିକ୍ଷାର ଉନ୍ନତିରେ ସହଯୋଗ କର'

**ଭୁବନେଶ୍ୱର, ୪।୮ (ବ୍ୟୁରୋ)**

■ **୨ମାସ ଭିତରେ ହେବ ସମାଧାନ : ମନ୍ତ୍ରୀ**

ଅଖିଳ ଓଡ଼ିଶା ବେସରକାରୀ ଅନୁଦାନ, ଅଣଅନୁଦାନପ୍ରାପ୍ତ (+୨, +୩) ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ରବିବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ନୟାପଲ୍ଲୀ ଦେବରାୟ କଲେଜରେ ଡ. ନବକିଶୋର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଓଡ଼ିଶା ବେସରକାରୀ ଅନୁଦାନପ୍ରାପ୍ତ କଲେଜ କର୍ମଚାରୀ ସଂଘର ସଭାପତି ସଚିତ୍ର କୁମାର ପାତ୍ର ଦିଗଦର୍ଶକ ଭାବେ ଯୋଗ ଦେଇଥିବା ବେଳେ ସବୁ ଜିଲାର ସଭାପତି, ସମ୍ପାଦକ ଓ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ସଂଗଠନକୁ ସୁଦୃଢ଼ କରିବା ସହ ସରକାରଙ୍କ ସହିତ ବି ଉତ୍ତମ ବୁଝାମଣା ରକ୍ଷା କରିବା ଆବଶ୍ୟକ। ଶିକ୍ଷାର ଉନ୍ନତିରେ ସହଯୋଗ କର ବୋଲି ମତ ପ୍ରକାଶ ପାଇଥିଲା। ଶେଷରେ ସଂଘର ରାଜ୍ୟ ସଙ୍ଗଠକ ଶ୍ରୀଧର ବେହେରାଙ୍କ ପ୍ରତିନିଧିତ୍ୱରେ ଏକ ପ୍ରତିନିଧି ଦଳ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟି ବିଭିନ୍ନ ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ଅରୁଣ ସାହୁ ଉକ୍ତ ଦାବିପତ୍ରଟିକୁ ଗ୍ରହଣ କରିବା ସହ ସରକାର ୨ ମାସ ଭିତରେ ପ୍ରାୟତଃ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷାର ମାନ ବୃଦ୍ଧି ପାଇଁ ଉପସ୍ଥିତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଶପଥ ନେଇଥିଲେ। କଲେଜର ଉନ୍ନତି ସହିତ ଛାତ୍ରୀଛାତ୍ରଙ୍କ ଉନ୍ନତିକୁ ପ୍ରାଥମିକତାର ସହ ନେଇ ନିଜର କାର୍ଯ୍ୟ ସମ୍ପାଦନ କରିବେ ବୋଲି ସେମାନେ ମତପ୍ରକାଶ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଡ. ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ୫-ଟି ପାଇଁ ସଂକଳ୍ପ ନେଲେ ଡିପ୍ଲୋମା ଇଞ୍ଜିନିୟର

**ଭୁବନେଶ୍ୱର, ୪।୮ (ବ୍ୟୁରୋ)**




ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ସଂକଳ୍ପ ସମାବେଶ ଓ ସମ୍ବର୍ଦ୍ଧନା ଉତ୍ସବ ଖାରବେଳ ନଗରସ୍ଥିତ ଓଡ଼େଶା ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ କୃଷି, ପୂର୍ତ୍ତ, ପଞ୍ଚାୟତିରାଜ, ଆଇନ ମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଡିପ୍ଲୋମା ଇଞ୍ଜିନିୟରମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫'ଟି' ସୂତ୍ରକୁ ରାଜ୍ୟର ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ତୃଣମୂଳସ୍ତରରେ ନିଷ୍ଠାର ସହ କାର୍ଯ୍ୟକାରୀ କରିବାକୁ ସଂକଳ୍ପ ନେଇଥିଲେ। ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଡିପ୍ଲୋମା ଇଞ୍ଜିନିୟରମାନେ ନିର୍ମାଣ କାର୍ଯ୍ୟକୁ ସମୟାନୁଭିତ୍ତିକ ଓ ନିଷ୍ଠାର ସହ ନିର୍ବାହ କରିବା ଦରକାର ବୋଲି କହିଥିବାବେଳେ କୃଷି ମନ୍ତ୍ରୀ ଅରୁଣ ସାହୁ ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାରୀ କର୍ମଚାରୀ ସମୟର ଆହ୍ୱାନକୁ ଠିକ୍ ଭାବେ ବୁଝିବା ଦରକାର। ରାଜ୍ୟବାସୀଙ୍କୁ ୫'ଟି' ଆଧାରରେ ତ୍ୱରିତ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇନ ମନ୍ତ୍ରୀ ପ୍ରତାପ ଜେନା ଡିପ୍ଲୋମା ଇଞ୍ଜିନିୟରମାନେ ସରକାରୀ କର୍ତ୍ତବ୍ୟ ଠିକ୍‌ଭାବେ ପାଳନ କରିବା ଏବଂ ଜନସାଧାରଣଙ୍କ ଆଶା-ଆକାଂକ୍ଷା ପୂରଣ କରି ସେମାନଙ୍କ ଆସ୍ଥାଭାଜନ ହେବାକୁ ପରାମର୍ଶ ଦେବା ସହିତ ମୁଖ୍ୟମନ୍ତ୍ରୀଙ୍କ ୫ 'ଟି' ସୂତ୍ରକୁ ରାଜ୍ୟର ବିକାଶ ନିମିତ୍ତ ନିଷ୍ଠାର ସହ କାର୍ଯ୍ୟକାରୀ କରିବାକୁ ସଂକଳ୍ପ ନେବା ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଛନ୍ତି। ମନ୍ତ୍ରୀ ରଘୁନନ୍ଦନ ଦାସ ଡିପ୍ଲୋମା ଇଞ୍ଜିନିୟରମାନେ ୫'ଟି' ଆଧାରରେ ଉନ୍ନୟନ କାର୍ଯ୍ୟ ବିଶେଷ କରି ସାଧାରଣ ଜନତାଙ୍କ ସାମୂହିକ ହିତକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବେ ବୋଲି ଆଶାପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ସଂଘର ୫୦୦ ସଦସ୍ୟ ଏହି ସଂକଳ୍ପ ନେଇଛନ୍ତି। ସଂଘର ପୂର୍ବତନ ସଭାପତି ତଥା କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ସ୍ୱାଇଁ ଏବଂ ରାଜ୍ୟର ବ୍ଲକ୍, ଜିଲା ଓ କେନ୍ଦ୍ରୀୟ କମିଟିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfi/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଦେବେନ୍ଦ୍ର



ମନୋଜ



ସୁଜିତ



ସୁଶାନ୍ତ



ସନ୍ତୋଷ



ମୋନାଲିସା



ରାକେଶ



ନିଶିକାନ୍ତ

